ମଲ୍ଲିକାର୍ଜୁନ ମୁଦଗଲ ନାଗାପ୍ପା ଏବଂ ଅନ୍ୟମାନେ

ବନାମ

କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 4,2000

[ଏମ୍. ଜଗନ୍ନାଧ ରାଓ ଏବଂ ଡୋରାଇସ୍ୱାମୀ ରାଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ଶିକ୍ଷାନୁଷ୍ଠାନ — ସର୍ବାଧିକ 60 ଜଣ ଛାତ୍ରଛାତ୍ରୀଙ୍କୁ ଅନୁମତି— ପ୍ରକୃତରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ 75 — 15 ଅତିରିକ୍ତ ଛାତ୍ରଛାତ୍ରୀ — ପରୀକ୍ଷା ଦେବାକୁ ଅନୁମତି ନଥିଲା — ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ରିଟ୍ ଆବେଦନ— ଖାରଜ — ସର୍ବୋଚ୍ଚନ୍ୟାୟାଳୟଙ୍କ ସମ୍ମୁଖରେ ଅପିଲ — ଦର୍ଶାଯାଇଥିଲା,ସେମାନଙ୍କ ନାମଲେଖା ଅବୈଧ ଏବଂ ଅନୁମୋଦିତ କୋଟାର ବାହାରେ ।*

ପଞ୍ଜାବ ରାଜ୍ୟ **ବନାମ** ରେଣୁକା ସିଙ୍ଗଲା, **AIR (1994) SC 59** ଏବଂ ମହାରାଷ୍ଟ୍ର ବନାମ ବିକାଶ ସାହେବରାଓ ରାଉଣ୍ଡଲେ, **AIR (1992) SC 1926 ନିର୍ଭର କରାଯାଇଥିଲା ।**

ଦେୱାନୀ ଅପିଲ କ୍ଷେତ୍ରାଧିକାର : ବିଶେଷ ଅନୁମତି ଆବେଦନ (C)ସଂଖ୍ୟା 14409-14503/2000

କମ୍ପ୍ୟୁଟର କୋଡ୍ ସଂଖ୍ୟା 5141-5155/2000

ଡବ୍ଲୁ.ଏ.ସଂଖ୍ୟା 3773-87/1999 ରେ କର୍ଣ୍ଣାଟକ ଉଚ୍ଚନ୍ୟାୟାଳୟର 20.1.2000 ତାରିଖର ରାୟ ଏବଂ ଆଦେଶରୁ ମଲ୍ଲିକାର୍ଜୁନ ମୁଧାଗଲ ନାଗପ୍ପା ।

ଆବେଦନକାରୀଙ୍କ ପାଇଁ ନରେଶ କୌଶିକ, ଏନ୍.କେ.ରାୟ, ସୁଶ୍ରୀ ଶିଳ୍ପା ଚୌହାନ ଏବଂ ସୁଶ୍ରୀ ଲଲିତା କୌଶିକ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ଅନୁଷ୍ଠାନରେ ସର୍ବାଧିକ ଧାରଣ କ୍ଷମତା ବିଭାଗ ପ୍ରତି 30 ଜଣ ।ଏହି ଅନୁଷ୍ଠାନର ଦୁଇଟି ବିଭାଗ ରହିଛି । ପ୍ରବେଶଯୋଗ୍ୟ ସର୍ବାଧିକ ସଂଖ୍ୟା ହେଉଛି 60 । ଆମ ସମ୍ମୁଖରେ ଆବେଦନକାରୀମାନେ ହେଉଛନ୍ତି ଅତିରିକ୍ତ 15 ଜଣ ଛାତ୍ର ଯେଉଁମାନେ ନାମ ଲେଖାଇଥିଲେ,

ମୋଟ 75 ଜଣ ଛାତ୍ର ଥିଲେ । ଉଚ୍ଚନ୍ୟାୟାଳୟରେ, ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନ ଏକ ମିଳିତ ରିଟ୍ ଆବେଦନ ଦାଖଲ କରିଥିଲେ ଏବଂ ବିଫଳ ହୋଇଥିଲେ । ତେଣୁ 15 ଜଣ ଛାତ୍ରଛାତ୍ରୀ ଏସ୍.ଏଲ୍.ପି. ମଧ୍ୟ ଦାଖଲ କରିଥିଲେ ।

ଆମକୁ ଏହା ସନ୍ତୋଷ ଦେଉ ନାହିଁ ଯେ, ଛାତ୍ରଛାତ୍ରୀମାନେ ଆମ ସମ୍ମୁଖରେ ବିଭାଗର ଆଦେଶକୁ ଆପତ୍ତି କରୁଛନ୍ତି ଯେ, ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯାଇପାରିବ ନାହିଁ । ଯଦି ସେମାନଙ୍କର ପ୍ରବେଶ ବୈଧ ନଥିଲା ଏବଂ 60 ର ଅନୁମୋଦିତ କୋଟାରୁ ଅଧିକ ଥିଲା, ଆମେ ଆବେଦନକାରୀଙ୍କୁ ସାହାଯ୍ୟ କରିପାରିବୁ ନାହିଁ ।

ପଞ୍ଜାବ ରାଜ୍ୟ ବନାମ ରେଣୁକା ସିଙ୍ଗଲା, AIR (1994) SC 59 (para 8) ଏବଂ ମହାରାଷ୍ଟ୍ର ରାଜ୍ୟ ବନାମ ବିକାଶ ସାହେବରାଓ ରାଉଣ୍ଡଲେ, AIR (1992) SC 1926 ମାମଲାରେ ଏହି ନ୍ୟାୟାଳୟଙ୍କର ନିର୍ଣ୍ଣୟକୁ ଲାଗୁ କରିବାରେ ଏବଂ ଏହି ନାମଲେଖା ବେଆଇନ ବୋଲି ଘୋଷଣା କରିବାରେ ବିଜ୍ଞ ଏକକ ବିଚାରପତି ଏବଂ ଖଣ୍ଡପୀଠ ସମ୍ପୂର୍ଣ୍ଣ ଠିକ ଥିଲେ । ଉପରୋକ୍ତ ରାୟଗୁଡ଼ିକର ପ୍ରାସଙ୍ଗିକ ଅନୁଚ୍ଛେଦ ଗୁଡ଼ିକ ନିମ୍ନରେ ଦିଆଗଲା :

*ପଞ୍ଜାବ ରାଜ୍ୟ ବନାମ ରେଣୁକା ସିଙ୍ଗଲା, AIR 1994 SC 59.*।

" ସାରା ଭାରତରେ ଡାକ୍ତରୀ ପାଠ୍ୟକ୍ରମରେ ପ୍ରବେଶ ବିଭିନ୍ନ ବୈଧାନିକ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହୁଏ, ଯେଉଁଥିରେ ବିଭିନ୍ନ ଅଧିନୟମ ଅଧୀନରେ ଗଠିତ ନିୟମାବଳୀ ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ଗତ କିଛି ବର୍ଷ ଧରି ବିଭିନ୍ନ ଡାକ୍ତରୀ ପ୍ରତିଷ୍ଠାନରେ ଶିକ୍ଷାଗତ ଉତ୍କର୍ଷତା ହାସଲ କରିବା ପାଇଁ  ପ୍ରବେଶାନୁମତିକୁ ନିୟନ୍ତ୍ରଣ କରିବା ନିମନ୍ତେ ପ୍ରୟାସ କରାଯାଇଛି । କିନ୍ତୁ, ସେହି ସମୟରେ, ଏକ ପ୍ରତିକୂଳ ପ୍ରଚେଷ୍ଟା ମଧ୍ୟ ସ୍ପଷ୍ଟ ପ୍ରତୀୟମାନ ହୁଏ, ଯାହା ଦ୍ୱାରା ବିଭିନ୍ନ ବୈଧାନିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଆସନ ବିରୁଦ୍ଧରେ ପ୍ରବେଶ ପାଇପାରୁ ନଥିବା ପ୍ରାର୍ଥୀମାନେ ରିଟ୍ ଆବେଦନ ଦାଖଲ କରନ୍ତି ଏବଂ ଏପରି ଆବେଦନକାରୀଙ୍କୁ ପ୍ରବେଶ କରିବା ପାଇଁ ମଧ୍ୟବର୍ତ୍ତୀକାଳୀନ କିମ୍ବା ଚୂଡ଼ାନ୍ତ ନିର୍ଦ୍ଦେଶ ଦିଆଯାଏ । ଉଚ୍ଚ ନ୍ୟାୟାଳୟ କିମ୍ବା ଏହି ନ୍ୟାୟାଳୟ ଏପରି ନିର୍ଦ୍ଦେଶ ଜାରି କରିବାରେ କିପରି ଉଦାର କିମ୍ବା ବଦାନ୍ୟ ହୋଇପାରିବେ ତାହା ଆମେ ତର୍ଜମା କରିବାରେ ବିଫଳ ହେଉଛୁ ଯାହା ଛାତ୍ରଛାତ୍ରୀ ମାନଙ୍କ ନାମଲେଖା ସମ୍ବନ୍ଧରେ ସେମାନଙ୍କର ନିଜସ୍ୱ ବୈଧାନିକ

ନିୟମ ଏବଂ ନିୟମାବଳୀ ଉଲ୍ଲଂଘନ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଭଳି ଅଟେ ।"

*ମହାରାଷ୍ଟ୍ର ରାଜ୍ୟ ବନାମ ବିକାଶ ସାହେବରାଓ ରାଉଣ୍ଡଲେ, AIR (1992) SC 1926* /

"ଶିକ୍ଷା ପଦ୍ଧତି ଏବଂ ପରୀକ୍ଷା ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ମାନକ ଏବଂ ନ୍ୟାୟିକ ବ୍ୟବସ୍ଥାକୁ ମନ୍ଥର କରିବା ଶିକ୍ଷାର ଦକ୍ଷ ପରିଚାଳନା ପାଇଁ କ୍ଷତିକାରକ ଅଟେ । ଆଇନ ଅମାନ୍ୟ କରିବା ପାଇଁ ଅପିଲକାରୀଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଆଇନର ନିୟମକୁ ଅବମାନନା କରେ, ଯାହା ଅନୁଶାସନହୀନତା ପାଇଁ ଏକ ମୂଳ ଉତ୍ସ । ଉଚ୍ଚ ନ୍ୟାୟାଳୟ ତେଣୁ ସମ୍ବିଧାନର ଧାରା 226 ଅନୁଯାୟୀ ପ୍ରଦତ୍ତ ଏହାର ବିଶେଷ କ୍ଷମତା ପ୍ରୟୋଗ କରିବାରେ, ଅପିଲକାରୀଙ୍କୁ ପରୀକ୍ଷା ଦେବା ପାଇଁ, ଅନୁମତି ଦେବା ପାଇଁ ନିର୍ଦ୍ଦେଶ ଦେଇ ଆଇନରେ ସ୍ପଷ୍ଟ ତ୍ରୁଟି ଅଙ୍ଗୀକାର କରିଛନ୍ତି ।"

ଉପରୋକ୍ତ ରାୟରେ ପ୍ରକାଶ ପାଇଥିବା ମତ ସହ ଆମେ ସମ୍ମାନର ସହ ସହମତ ଅଟୁ ।

ସେହି ଅନୁଯାୟୀ ବିଶେଷ ଅନୁମତି ଆବେଦନଗୁଡ଼ିକୁ ଖାରଜ କରାଯାଇଥାଏ ।

ଟି.ଏନ୍.ଏ. ଆବେଦନଗୁଡ଼ିକ ଖାରଜ ହୋଇଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷା ରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କାରଣ ଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶୁଭଶ୍ରୀ ମିଶ୍ର**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ**